# ମେଧାବୃତ୍ତି ଅନ୍ୱେଷଣ -୨୦୧୬

ସ୍ୱର୍ଗୀୟା ଅମ୍ରିତା ଦେବୀଙ୍କ ସ୍ମରଣାର୍ଥେ ମେଧା ଅନ୍ୱେଷଣ ବୃତ୍ତି ୨୦୧୬ ଉଦ୍ଦିଷ୍ଟ ଯାହା "ଅମ୍ରିତା ଦେବୀ ମେମୋରିଆଲ୍ ମେଧାବୃତ୍ତି" ନାମରେ ନାମିତ ଏବଂ ବିଦ୍ୟାଭାରତୀ ଟ୍ରଷ୍ଟ ଆନୁକୂଲ୍ୟରେ ପରିଚାଳିତ ଅଟେ। ଏହି ବୃତ୍ତି ୨୦୧୫ ମସିହାରୁ ପ୍ରଚଳିତ ହୋଇ ଆସୁଅଛି।

- **ମେଧାବୃତ୍ତିର ଉଦ୍ଦେଶ୍ୟ –**

  ଜାତି,ଧର୍ମ,ବର୍ଣ୍ଣ, ଲିଙ୍ଗ, ସାମାଜିକ ତଥା ଅର୍ଥନୈତିକ ବୈଷମ୍ୟକୁ ଦୂରେଇ ନିର୍ବିଶେଷରେ ପିଲାର ସାମଗ୍ରିକ ବିକାଶ କରି ଲୋକ ଲୋଚନକୁ ଆଣିବା।

- **ଉପକୃତ ହେବାକୁ ଥିବା ଛାତ୍ରଛାତ୍ରୀ –**

  ଓଡ଼ିଆ ବିଦ୍ୟାଳୟରେ ପଢୁଥିବା ସପ୍ତମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଏହି ମେଧାବୃତ୍ତି ଅନ୍ୱେଷଣରେ ଭାଗ ନେଇ ପାରିବେ। ବିଶେଷ କରି ପଶ୍ଚିମ ଓଡ଼ିଶାର ଛାତ୍ରଛାତ୍ରୀ ମାନେ ଏହି ବୃତ୍ତିରୁ ଲାଭବାନ ହୋଇପାରିବେ।

- **ମେଧା ଅନ୍ୱେଷଣ ବୃତ୍ତିର ସମୁଦାୟ ରାଶି –**

  ଏହି ବୃତ୍ତିର ସମୁଦାୟ ରାଶି ୧୨ ଲକ୍ଷ ଟଙ୍କା ମାତ୍ର। ଏଥିରେ ସମୁଦାୟ ୨୦ ଜଣ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀ ଉପକୃତ ହେବେ। ଏହି ରାଶି ୩ ବର୍ଷ ମଧ୍ୟରେ ନିମ୍ନ ପ୍ରକାରରେ ପ୍ରଦାନ କରାଯିବ।

| କ୍ରମିକ ନଂ | ଉପକୃତ ଛାତ୍ରଛାତ୍ରୀ ସଂଖ୍ୟା | ବୃତ୍ତିର ପ୍ରକାର | କେତେ ବର୍ଷ ପର୍ଯ୍ୟନ୍ତ ପାଇବେ | ଲାଭ ରାଶି | ସମୁଦାୟ ରାଶି |
|---|---|---|---|---|---|
| ୧. | ଯୋଗ୍ୟ ପ୍ରଥମ ୩ ଜଣ | ସଂପୂର୍ଣ୍ଣ (୧୦୦%) ମାଗଣା ଶିକ୍ଷା | ୩ ବର୍ଷ (୨୦୧୬ ରୁ ୨୦୧୯)ଶ୍ରେଣୀ ୮ ମରୁ ୧୦ ମ ପର୍ଯ୍ୟନ୍ତ | ୫୦,୦୦୦ × ୩ ଜଣ ×୩ ବର୍ଷ (ଜଣକୁ ୩ ବର୍ଷ ପାଇଁ ୧,୫୦,୦୦୦) | ୪,୫୦,୦୦୦.୦୦ |
| ୨. | ଯୋଗ୍ୟ ପରବର୍ତ୍ତୀ ୩ ଜଣ | ଅର୍ଦ୍ଧ (୫୦%) ମାଗଣା | ୩ ବର୍ଷ (୨୦୧୬ ରୁ ୨୦୧୯)ଶ୍ରେଣୀ | ୨୫,୦୦୦ × ୩ ଜଣ ×୩ ବର୍ଷ (ଜଣକୁ ୩ ବର୍ଷ ପାଇଁ | ୨,୨୫,୦୦୦.୦୦ |

| | | | | | |
|---|---|---|---|---|---|
| | | ଶିକ୍ଷା | ୮ ମ ରୁ ୧୦ ମ ପର୍ଯ୍ୟନ୍ତ | ୭୫,୦୦୦.୦୦) | |
| ୩. | ଯୋଗ୍ୟ ପରବର୍ତ୍ତୀ ୧୪ ଜଣ | ଏକ ଚର୍ତୁଥାଂଶ (୨୫%) ମାଗଣା ଶିକ୍ଷା | ୩ ବର୍ଷ (୨୦୧୬ ରୁ ୨୦୧୯) ଶ୍ରେଣୀ ୮ ମରୁ ୧୦ ମ ପର୍ଯ୍ୟନ୍ତ | ୧୨,୫୦୦ × ୧୪ ଜଣ ×୩ ବର୍ଷ (ଜଣକୁ ୩ ବର୍ଷ ପାଇଁ ୩୭,୫୦୦.୦୦) | ୫,୨୫,୦୦୦.୦୦ |
| ମୋଟ | ୨୦ଜଣ | | ୩ବର୍ଷ | ୧୨,୦୦,୦୦୦.୦୦ | ୧୨,୦୦,୦୦୦.୦୦ |

**ପରୀକ୍ଷା ପଦ୍ଧତି :-**

ମେଧା ଅନ୍ୱେଷଣ ବୃତ୍ତି ପରୀକ୍ଷା ୩ ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ।

**ପ୍ରଥମ ପର୍ଯ୍ୟାୟ-**

ଆବେଦନ କରିଥିବା ସମୁଦାୟ ଛାତ୍ରଛାତ୍ରୀ ପ୍ରଥମ ପର୍ଯ୍ୟାୟରେ ୧୦୦ ନମ୍ବରର ୧୦୦ ଟି Objective ପ୍ରଶ୍ନର ଲିଖିତ ପରୀକ୍ଷାର ସମ୍ମୁଖୀନ ହେବେ। ଉକ୍ତ ପରୀକ୍ଷା ବ୍ଲକ୍ ସ୍ତରରେ ଅନୁଷ୍ଠିତ ହେବ।

**ଦ୍ୱିତୀୟ ପର୍ଯ୍ୟାୟ –**

ଯେଉଁ ପ୍ରାର୍ଥୀମାନେ ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବେ, ସେମାନେ ଏହି ପରୀକ୍ଷା ଦେଇ ପାରିବେ। ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ହେବା ପାଇଁ ପ୍ରତ୍ୟେକ ବିଷୟରେ ୫୦% ନମ୍ବର ରଖିବା ସହିତ ସମୁଦାୟ ୭୦% ନମ୍ବର ରଖିବା ବାଞ୍ଛନୀୟ ଅଟେ। ଏଠାରେ ସୂଚୀତ କରାଇ ଦିଆଯାଉଛି ଯେ, ଜଣେ ପ୍ରାଥୀ ସମୁଦାୟ ୭୦% ନମ୍ବର ରଖିଥିଲେ ମଧ୍ୟ ଗୋଟିଏ ବିଷୟରେ ୫୦% ରୁ କମ୍ ନମ୍ବର ରଖିଥିଲେ, ସେ ଯୋଗ୍ୟ ବିବେଚିତ ହୋଇପାରିବ ନାହିଁ। ୨ ୟ ପର୍ଯ୍ୟାୟରେ ମଧ୍ୟ ୪ଟି ବିଷୟ ଉପରେ ୧୦୦ ନମ୍ବରର ୧୦୦ ଟି ଅତି ନିର୍ଦ୍ଦିଷ୍ଟମୂଳକ ପ୍ରଶ୍ନ ଉପରେ ପରୀକ୍ଷା ପରିଚାଳିତ ହେବ।

**ତୃତୀୟ ପର୍ଯ୍ୟାୟ-**

ଦ୍ୱିତୀୟ ପର୍ଯ୍ୟାୟର ସର୍ବୋଚ୍ଚ ୬୦ ଜଣ ପ୍ରାର୍ଥୀଙ୍କୁ ତୃତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ଗ୍ରହଣ କରାଯିବ। ଉକ୍ତ ପରୀକ୍ଷାଟି ୫୦ ନମ୍ବରର ମୌଖିକ ପରୀକ୍ଷା ଅନୁଷ୍ଠିତ ହେବ। ୨ୟ ପର୍ଯ୍ୟାୟର ଲିଖିତ ନମ୍ବର ଏବଂ ୩ ୟ ପର୍ଯ୍ୟାୟର ମୌଖିକ ନମ୍ବରକୁ ମିଶାଇ ଉକ୍ତ ୬୦ ଜଣଙ୍କ ମଧ୍ୟରୁ ସର୍ବୋଚ୍ଚ ନମ୍ବର ରଖିଥିବା ୨୦ ଜଣଙ୍କୁ ଏହି ମେଧାବୃତ୍ତି ପାଇଁ ଚୟନ କରାଯିବ।

- ପରୀକ୍ଷା ବିଷୟ – ସପ୍ତମ ଶ୍ରେଣୀର ପାଠ୍ୟ ଖସଡା ଉପରେ ଆଧାରିତ।

  ୧ ମ ପର୍ଯ୍ୟାୟ- (କ) ଗଣିତ ୨୫ ମାର୍କ (୨୫ଟି ପ୍ରଶ୍ନ) -ପୂର୍ଣ୍ଣ ସଂଖ୍ୟା, ଭଗ୍ନ ସଂଖ୍ୟା ଓ ଦଶମିକ ସଂଖ୍ୟା, ଘାତାଙ୍କ ଏବଂ ଘାତରାଶି, ବୀଜଗଣିତ, ବ୍ୟବସାୟିକ ଗଣିତ, ପରିମିତି।

(ଖ) English -୨୫ ମାର୍କ (୨୫ଟି ପ୍ରଶ୍ନ) – The story of cricket, Saving Earth, Computer, Golu Grows a nose, Ice creamman, The wind, The heart of a seeds & common grammer.

(ଗ) ସାଧାରଣ ବିଜ୍ଞାନ- ୨୫ ମାର୍କ (୨୫ ଟି ପ୍ରଶ୍ନ) –ଭୌତିକ ଓ ରାସାୟନିକ ପରିବର୍ତ୍ତନ, ଅମ୍ଳକ୍ଷାରକ ଓ ଲବଣ, ପୋଷଣ, ଉତ୍ତାପ ଓ ତାପ ସଞ୍ଚରଣ,ପାଣିପାଗ, ଜଳବାୟୁ, ପ୍ରାଣୀମାନଙ୍କ ଉପଯୋଜନ, ଉଦ୍ଭିଦର ବଂଶ ବିସ୍ତାର, ବିଦ୍ୟୁତ୍ ସ୍ରୋତ ଓ ଏହାର ପ୍ରଭାବ ଆଲୋକ।

(ଘ) ସାଧାରଣ ଜ୍ଞାନ- ୨୫ ମାର୍କ (୨୫ ଟି ପ୍ରଶ୍ନ) ଓଡ଼ିଶା, ଭାରତ, ପୃଥିବୀ ଓ ବର୍ତ୍ତମାନର ଘଟଣାବଳୀ ଉପରେ ଆଧାରିତ।

**ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା-** ସପ୍ତମ ଶ୍ରେଣୀର ନିମ୍ନଲିଖିତ ବିଷୟର ପୂର୍ଣ୍ଣ ପାଠ୍ୟ ଖସଡା ଏବଂ ସାଧାରଣ ଜ୍ଞାନ ଉପରେ ଓଡ଼ିଶା, ଭାରତ, ପୃଥିବୀ ଏବଂ ବର୍ତ୍ତମାନର ଘଟଣାବଳୀ। ପୂର୍ଣ୍ଣ ସଂଖ୍ୟା ୧୦୦ ଓ ୧୦୦ ଟି ପ୍ରଶ୍ନ।

ବିଷୟ – (କ) ଗଣିତ (ଖ) ଇଂରାଜୀ (ଗ) ବିଜ୍ଞାନ (ଘ) ସାଧାରଣ ଜ୍ଞାନ

**ତୃତୀୟ ପର୍ଯ୍ୟାୟ ପରୀକ୍ଷା** – ସମୁଦାୟ ୫୦ ନମ୍ବର ୫ଟି ବିଷୟ ଉପରେ ମୌଖିକ ପରୀକ୍ଷା ଅନୁଷ୍ଠିତ ହେବ।

ବିଷୟ (କ) ଗଣିତ (ଖ) ଇଂରାଜୀ (ଗ) ସାହିତ୍ୟ (ଘ) ବିଜ୍ଞାନ (ଙ) ସାଧାରଣ ଜ୍ଞାନ

- **ସମୟ ନିର୍ଘଣ୍ଟ :-**

| କ୍ରମିକ ନଂ | ବିବରଣୀ | ତାରିଖ |
|---|---|---|
| ୧. | ଦରଖାସ୍ତ ଫର୍ମ ଉପଲବ୍ଧ | ୨୦.୧୧.୨୦୧୫ |
| ୨. | ଦରଖାସ୍ତ ଗ୍ରହଣ ଶେଷ ତାରିଖ | ୨୦.୧୨.୨୦୧୫ |
| ୩. | ପରୀକ୍ଷା ପ୍ରବେଶ ପତ୍ର ଉପଲବ୍ଧ | ୦୫.୦୧.୨୦୧୬ |
| ୪. | ପ୍ରଥମ ପର୍ଯ୍ୟାୟ ପରୀକ୍ଷା | ୧୭.୦୧.୨୦୧୬ |
| ୫. | ପ୍ରଥମ ପର୍ଯ୍ୟାୟର ପରୀକ୍ଷା ଫଳ ଘୋଷଣା | ୧୭.୦୨.୨୦୧୬ |
| ୬. | ୨ ୟ ପର୍ଯ୍ୟାୟ ପରୀକ୍ଷା | ୨୦.୦୩.୨୦୧୬ |
| ୭. | ୨ ୟ ପର୍ଯ୍ୟାୟର ଫଳ ଘୋଷଣା | ୨୫.୦୩.୨୦୧୬ |
| ୮. | ୩ ୟ ପର୍ଯ୍ୟାୟ ପରୀକ୍ଷା | ୨୭.୦୩.୨୦୧୬ |
| ୯. | ୩ ୟ ପର୍ଯ୍ୟାୟର ପରୀକ୍ଷା ଫଳ ଘୋଷଣା | ୨୭.୦୩.୨୦୧୬ |
| ୧୦. | ଯୋଗ୍ୟ ପ୍ରାର୍ଥୀ ସମ୍ମାନୀତ | ୩୧.୦୩.୨୦୧୬ |
| ୧୧. | ଯୋଗ୍ୟପ୍ରାର୍ଥୀଙ୍କ ନାମ ଲେଖା | ୦୨.୦୪.୨୦୧୬ |

**ଚୟନ ପ୍ରକ୍ରିୟା :-**

ପ୍ରଥମ ପର୍ଯ୍ୟାୟରେ ଯେଉଁ ପ୍ରାର୍ଥୀମାନେ ପ୍ରତ୍ୟେକ ବିଷୟରେ ୫୦% ନମ୍ବର ସହିତ ସମୁଦାୟ ୭୦% ନମ୍ବର ରଖିବେ, ସେହି ପ୍ରାର୍ଥୀମାନେ ୨ୟ ପର୍ଯ୍ୟାୟ ପାଇଁ ଚୟନ ହେବେ। ପ୍ରକାଶ ଥାଉ ଯେ, ଯଦି କୌଣସି ପ୍ରାର୍ଥୀ ୭୦% (ପ୍ରତିଶତ) ନମ୍ବର ରଖିଥିଲେ ମଧ୍ୟ ଯଦି କୌଣସି ଗୋଟିଏ ବିଷୟରେ୫୦% ରୁ କମ୍ ନମ୍ବର ରଖିଥିବେ, ସେ ପ୍ରାର୍ଥୀ ୨ୟ ପର୍ଯ୍ୟାୟ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ ନାହିଁ।

ପ୍ରଥମ ପର୍ଯ୍ୟାୟର ଯୋଗ୍ୟ ବିବେଚିତ ପ୍ରାର୍ଥୀ ୨ୟ ପର୍ଯ୍ୟାୟରେ ପରୀକ୍ଷା ଦେଇପାରିବେ। ଏଥିରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରଥମ ୬୦ ଜଣ ପ୍ରାର୍ଥୀଙ୍କୁ ୩ ୟ ପର୍ଯ୍ୟାୟ ପରୀକ୍ଷା ଦେବା ପାଇଁ ଚୟନ କରାଯିବ।

ତୃତୀୟ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ୬୦ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ମୌଖିକ ପରୀକ୍ଷା ଅନୁଷ୍ଠିତ ହେବ। ୨ୟ ପର୍ଯ୍ୟାୟର ଲିଖିତ ପରୀକ୍ଷାର ନମ୍ବର ଏବଂ ୩ୟ ପର୍ଯ୍ୟାୟର ମୌଖିକ ନମ୍ବର ଦ୍ୱୟକୁ ମିଶାଇ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରାଯିବ। ଏହି ପରୀକ୍ଷାର ଫଳାଫଳକୁ ମିଶାଇ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରଥମ ୨୦ ଜଣଙ୍କୁ ଉକ୍ତ ମେଧାବୃତ୍ତି ପାଇଁ ଚୟନ କରାଯିବ।

- **ପରୀକ୍ଷା ଫଳ ଘୋଷଣା :-**

  ଉକ୍ତ ତିନୋଟି ପର୍ଯ୍ୟାୟର ପରୀକ୍ଷାଫଳ ସୂଚୀତ ହୋଇଥିବା ନିର୍ଦ୍ଧାରିତ ସମୟ ନିର୍ଘଣ୍ଟ ଅନୁସାରେ Website : http.bidyabharatiodisha.in ମାଧ୍ୟମରେ ଉପଲବ୍ଧ ହେବ।

- **ପରୀକ୍ଷା ଫିଜ୍ :-**

  ପ୍ରତ୍ୟେକ ପ୍ରାର୍ଥୀଙ୍କୁ ପରୀକ୍ଷା ଫିଜ୍ ବାବଦକୁ ୧୦୦/- ଟଙ୍କା ମାତ୍ର ମନି ଅର୍ଡର ମାଧ୍ୟମରେ ପୈଠ କରିବା ପାଇଁ ପଡ଼ିବ। ଏହି ଟଙ୍କା "The Managing Trustee, BIDYABHARATI", At-Bhagawati Nagar, Po/Dist- Bolangir-767001 ଠିକଣାରେ ନିର୍ଦ୍ଧାରିତ ସମୟ ମଧ୍ୟରେ ପଠାଇବା ପାଇଁ ପଡ଼ିବ। ଏହି ମନିଅର୍ଡର ନମ୍ବର Upload କରିବା ପାଇଁ ପଡ଼ିବ।

- ଆବେଦନ ପ୍ରଣାଳୀ :-

  ଆବେଦନ ଫର୍ମ ୨୦ ନଭେମ୍ବର ୨୦୧୫ ରୁ Website : http.bidyabharatiodisha.in ମାଧ୍ୟମରେ ଉପଲବ୍ଧ ହେବ। ପ୍ରଥମେ ଏହି Website  କୁ Logon କରି Online Registration ରେ କ୍ଲିକ୍ କଲେ ଫର୍ମ ବାହାରିବ, ଉକ୍ତ ଫର୍ମକୁ Online ପୂରଣ କରିବା ପାଇଁ ପଡ଼ିବ ଏବଂ ମନିଅର୍ଡରର ରସିଦ ନମ୍ବର, ଗୋଟିଏ ପାସପୋର୍ଟ ସାଇଜ୍ ଫଟୋ ଏବଂ ପ୍ରାର୍ଥୀଙ୍କ ଦସ୍ତଖତ Upload କରିବା ପାଇଁ ପଡ଼ିବ। ଫର୍ମକୁ Print କାଢ଼ି ନିଜ ପାଖରେ ରଖିବେ, ତାହା admit card download କଲାବେଳକୁ ଆବଶ୍ୟକ ପଡ଼ିବ।

ଯେଉଁଠାରେ ଇଣ୍ଟରନେଟର ସୁବିଧା ନାହିଁ, ସେମାନେ ଆବେଦନ ଫର୍ମ download କରି ମନିଅର୍ଡର ସହିତ ନିମ୍ନ ଠିକଣାରେ ଆବେଦନ କରିପାରିବେ।

**ଠିକଣା :-**

The Managing Trustee, “BIDYABHARATI”
At- Bhagawati Nagar, Po/Dist- Bolangir
Pin- 767001

- **ମେଧାବୃତ୍ତି ପ୍ରାପ୍ତ ଛାତ୍ରଛାତ୍ରୀ କେଉଁଠି ଅଧ୍ୟୟନ କରିବେ :-**

Amrita Devi Memorial & Charitable Trust ଓ ବିଦ୍ୟାଭାରତୀ ଆବାସିକ ବିଦ୍ୟାଳୟ, ବଲାଙ୍ଗିର ର ମିଳିତ ଉଦ୍ୟମରେ ଏହି ପ୍ରଚେଷ୍ଟା କରାଯାଇଛି। ଏହି ମେଧାବୃତ୍ତି ପ୍ରାପ୍ତ ୨୦ ଜଣ ଛାତ୍ରଛାତ୍ରୀ ବଲାଙ୍ଗିର ଜିଲ୍ଲାର ଏହି ଅଗ୍ରଗାମୀ ଉନ୍ନତ ଆବାସିକ ବିଦ୍ୟାଳୟ, ବିଦ୍ୟାଭାରତୀରେ ଅଧ୍ୟୟନ କରିବାର ସୁଯୋଗ ପାଇବେ। ଏହି ଅନୁଷ୍ଠାନଟି ବଲାଙ୍ଗିର ସହରର ପ୍ରାଇଭେଟ ବସ୍‌ଷ୍ଟାଣ୍ଡରୁ ୧.୫୦ କି.ମି ଦୂର ସାର୍କିଟ ହାଉସ୍ (ମନୋହରପୁର ରାସ୍ତା) ରାସ୍ତାରେ ଅବସ୍ଥିତ।

- **ମେଧାବୃତ୍ତିର ଅବଧି :-**

ଏହି ମେଧାବୃତ୍ତି ପୂର୍ବ ସୂଚନା ଅନୁସାରେ ୨୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ। କିନ୍ତୁ Trust Board ର ନିୟମାନୁସାରେ ପ୍ରଥମ ୩ ଜଣ ଛାତ୍ରଛାତ୍ରୀ ଅଷ୍ଟମ ଏବଂ ନବମ ଶ୍ରେଣୀର ବାର୍ଷିକ ପରୀକ୍ଷାରେ ୯୦ ପ୍ରତିଶତ ନମ୍ବର ରଖିବା ପାଇଁ ପଡିବ। ସେହିପରି ଦ୍ୱିତୀୟ ୩ ଜଣ ଛାତ୍ରଛାତ୍ରୀଙ୍କୁ ଅଷ୍ଟମ ଓ ନବମ ଶ୍ରେଣୀର ବାର୍ଷିକ ପରୀକ୍ଷାରେ ୮୦ ପ୍ରତିଶତ ନମ୍ବର ରଖିବା ପାଇଁ ପଡିବ। ତଦନୁରୂପ ତୃତୀୟ ୧୪ ଜଣ ଛାତ୍ରଛାତ୍ରୀଙ୍କୁ ୭୦ ପ୍ରତିଶତ ନମ୍ବର ରଖିବାକୁ ପଡିବ। ନଚେତ୍ ଉକ୍ତ ମେଧାବୃତ୍ତିରୁ ସେମାନେ ବଞ୍ଚିତ ହେବେ।

- ବିଶେଷ ଦ୍ରଷ୍ଟବ୍ୟ :-

ପରୀକ୍ଷା ସମ୍ବନ୍ଧୀୟ ଯେକୌଣସି ସମସ୍ୟା ପରୀକ୍ଷା କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ହିଁ ଚୂଡାନ୍ତ ଅଟେ। ଏଥିରେ କେହି ଅଦାଲତର ଆଶ୍ରୟ ନେଇ ପାରିବେ ନାହିଁ।


**ଯୋଗାଯୋଗ ଠିକଣା :-**

ମେନେଜିଂ ଟ୍ରଷ୍ଟୀ

**ବିଦ୍ୟାଭାରତୀ**

ଭଗବତୀ ନଗର, ସାର୍କିଟ ହାଉସ୍ ରୋଡ୍

ବଲାଙ୍ଗିର-୭୬୭୦୦୧

ମୋବାଇଲ୍ ନଂ-୯୯୩୭୫୬୧୯୩୦,୯୪୩୯୫୪୩୮୪୫

ଫୋନ୍-୦୬୬୫୨-୨୩୨୮୫୫,୨୩୦୧୩୧

Email – bidyabharati2010@gmail.com
www.bidyabharatiodisha.in